# ସାଂଗଠନିକ ସ୍ଥିତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

**ଖଲ୍ଲିକୋଟ/ରମ୍ଭା/କବିସୂର୍ଯ୍ୟନଗର/ଆସିକା/ଧରାକୋଟ, ୩।୫(ଡି.ଏନ.ଏ.):**

କେନ୍ଦ୍ର ରେଳ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଯରଦୋଶ ଦୁଇ ଦିନିଆ ଗଞ୍ଜାମ ଗସ୍ତରେ ଆସିଛନ୍ତି। ବୁଧବାର ସକାଳ ୧୧ଟା ସମୟରେ ପ୍ରଥମେ ଖଲ୍ଲିକୋଟ ରେଳ ଷ୍ଟେଶନରେ ପହଞ୍ଚିଥିଲେ। ଷ୍ଟେଶନ ପରିସର ବୁଲି ଦେଖିବା ଶହ ଖୋର୍ଦ୍ଧା ଡିଭିଜନରୁ ଆସିଥିବା ଏଡିଆରଏମ କଲ୍ୟାଣ ପଟ୍ଟନାୟକଙ୍କୁ ଷ୍ଟେଶନ ବିଷୟରେ ପଚାରି ବୁଝିଥିଲେ। ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ସ୍ଥାନୀୟ ସରପଞ୍ଚ ବିଚିତ୍ର ଜାଲି, ଓକିଲ ସଂଘ, ବରିଷ୍ଠ ନାଗରିକ, ଖବରଦାତା ମିଳିତ ଭାବେ ଏକ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଖୋର୍ଦ୍ଧା ଡିଭିଜନ ରେଳ ବିଭାଗର ଏଡିଆରଏମ କଲ୍ୟାଣ ପଟ୍ଟନାୟକ, ସିନିୟର ଡିସିଏମ ଅମିତ୍ ଆନନ୍ଦ, ଆରପିଏଫ ଅଫିସର ଜିତେନ୍ଦ୍ର ମୈରିଆ, ସଦାଶିବ ଦାଶ, ଭାଜପା ନେତା ମହେଶ ମହାନ୍ତି, ଅନିତା ପ୍ରିୟଦର୍ଶନୀ, ଅନିଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରମ୍ଭା ରେଳ ଷ୍ଟେଶନର ଆଧୁନିକୀରଣ ଉପରେ ଅବହେଳା କାହିଁକି ବୋଲି ବରିଷ୍ଠ ଭାଜପା ନେତା ମହେଶ ଚନ୍ଦ୍ର ମହାନ୍ତି ଓ ଜିଲା




ଧରାକୋଟଠାରେ ଆୟୋଜିତ ବୈଠକରେ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ସମେତ ଭାଜପା ପଦାଧିକାରୀ।

ଭାଜପା ସମ୍ପାଦକ ଭୀମସେନ ବେହେରା ଦୃଷ୍ଟି ଗୋଚର କରିଥିବା ଓ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ପରେ କୋଦଳା ଅଭିମୁଖେ ଯାତ୍ରା କରିଥିଲେ।

ସେହିପରି କେନ୍ଦ୍ରମନ୍ତ୍ରୀ ଦର୍ଶନା ଯରଦୋଶ ଆସିକା ଲୋକସଭା ପ୍ରବାସ ଯୋଜନାରେ ସାମିଲ ପାଇଁ କବିସୂର୍ଯ୍ୟନଗର ଗସ୍ତ କରିଥିଲେ। ସ୍ଥାନୀୟ ବସଷ୍ଟାଣ୍ଡ ଠାରେ ସାମାଜିକକର୍ମୀ ଇ. ମାହେଶ୍ୱରୀ ଦୋରାଙ୍କ ତତ୍ତ୍ୱାବଧାନରେ

## ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

■ ଖଲ୍ଲିକୋଟ ରେଳ ଷ୍ଟେସନରେ ଦ୍ରୁତଗାମୀ ଟେନ ରହଣି ଦାବି

ସମସ୍ତ ଭାଜପା କର୍ମୀ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କୋଦଳା ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ନାୟକ, ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ଓଡିଶା ସ୍ୱଚ୍ଛ ଭାରତ ସଭାପତି ମହେଶ ମହାନ୍ତି, ଏନଏସି ଅଧ୍ୟକ୍ଷା ପ୍ରାର୍ଥୀ କଳ୍ପନା ମାଝୀ, କାଉନସିଲର ଦୀପ୍ତିମୟୀ କୁମାରୀ ମହାପାତ୍ର, ଯୁବନେତା ଶ୍ୱେତ ଦୋରା, ବିଶ୍ୱଜିତ ମହାପାତ୍ର, ଇ. ଲଳିତା ପାତ୍ର ଆଦି ଶତାଧିକ କର୍ମୀ ଉପସ୍ଥିତ ଥିଲେ।

ସେହିପରି ଆସିକା ଲୋକସଭା ନିର୍ବାଚନ ମଣ୍ଡଳି ଗସ୍ତ କରି ଦଳୀୟ ସାଂଗଠନିକ ସ୍ଥିତିର ସମୀକ୍ଷା କରିଛନ୍ତି। ସ୍ଥାନୀୟ କଳିଙ୍ଗାରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ଘୁମୁସର ଜିଲାର ବିଭିନ୍ନ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଭାଜପା ନେତା ଦେବରାଜ ମହାନ୍ତି, ଅନିତା ଶୁଭଦର୍ଶିନୀ, ସୂର୍ଯ୍ୟନାରାୟଣ ଦାସ, ନାରାୟଣ ବେହେରା, ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ, ନିଳମଣି ବିଷୋୟୀ, ଅରୁଣ କୁମାର ପଣ୍ଡା, ରବିନ୍ଦ୍ରନାଥ ପୋଲାଇ, ରଞ୍ଜନ ପୋଲାଇଙ୍କ ସମେତ ବିଭିନ୍ନ ମଣ୍ଡଳ କାର୍ଯ୍ୟକର୍ତ୍ତା ଓ ଦଳୀୟ ପଦାଧିକାରୀ ସାମିଲ ଥିଲେ।

ସେହିପରି ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ଓ ଲୋକସଭା ପ୍ରବାସ ଯୋଜନାର କୋର କମିଟି ଓ ମଣ୍ଡଳ ସଭାପତିଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମାଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ଭାଜପା ନେତ୍ରୀ ଅନିତା ଶୁଭଦର୍ଶିନୀ, ମହେଶ୍ୱର ମହାନ୍ତି, ଦେବରାଜ ମହାନ୍ତି, ନିଳମଣୀ ବିଷୋୟୀ, ରଞ୍ଜନ ପୋଲାଇ, ଅନୀଲ ପଣ୍ଡା, ଶିଶିର ମିଶ୍ର, ପୃଥିବୀ ରାଜ ମହାପାତ୍ର, ଏବଂ ଅରୁଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ଇଂ ପ୍ରଦୀପ କୁମାର ପତ୍ରୀଙ୍କ ପରିଚାଳନାରେ ହୋଇଥିବା ଏହି ବୈଠକରେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବୁଥ ସ୍ତରରେ ଭାଜପା ସଂଗଠନକୁ ସୁଦୃଢ଼ ଏବଂ ଶୃଙ୍ଖଳିତ କରିବା ସହ ଜନପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ଓ ପ୍ରଗତିଶୀଳ ଓ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ

### ମଦ ଦୋକାନରୁ ଲକ୍ଷାଧିକ ଟଙ୍କା ଚୋରି

ଭଞ୍ଜନଗର,୩।୫(ଡି.ଏନ.ଏ): ଭଞ୍ଜନଗର ଥାନା ଅନ୍ତର୍ଗତ ଜାମପଲ୍ଲୀ ଛକ ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରୁ ସୋମବାର ରାତିରେ କିଛି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ଦୋକାନ କର୍ମଚାରୀ ସାମ୍ନା ପଟ ସଟର ଭାଙ୍ଗିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଦୋକାନରୁ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଅନୁମାନ କରାଯାଉଛି। ପୋଲିସ ଟିମ ସିସି କ୍ୟାମେରା ଫୁଟେଜ ଯାଞ୍ଚ କରିବା ସହିତ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରିଛି।

### ବଳାତ୍କାର ମାମଲାର ଅଭିଯୁକ୍ତ ଗିରଫ

ଆସିକା, ୩।୫(ଡି.ଏନ୍.ଏ): ଆସିକା ଥାନା ଇଲାକାରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରି ଆସୁଥିବା ଅଭିଯୋଗରେ ବୁଧବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଶେରଗଡ ଥାନା ଅନ୍ତର୍ଗତ ଭେଟସିଙ୍ଗି ଗ୍ରାମର ବାବୁ ଜେନା। ତାଙ୍କ ବିରୁଦ୍ଧରେ ଆସିକା ଥାନାରେ ନଂ ୨୭୨/୨୩ରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଯୌତୁକ ନିର୍ଯାତନା ମାମଲା : ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

ଆସିକା, ୩।୫ (ଡି.ଏନ୍.ଏ): ଆସିକା ଥାନା ଅନ୍ତର୍ଗତ ଖଡଭାଗ ଗ୍ରାମରେ ରବିବାର ନିଲୁ ବିଷୋୟୀଙ୍କ ସ୍ତ୍ରୀ ଗୀତାଞ୍ଜଳି ବିଷୋୟୀଙ୍କ ବିଷପାନ ଜନିତ ମୃତ୍ୟୁ ଘଟିଥିଲା। ବୁଧବାର ପୋଲିସ ମୃତ ମହିଳାଙ୍କ ସ୍ୱାମୀ ନିଲୁ, ଶାଶୁ ଭାଗ୍ୟଲତା ଓ ଶ୍ୱଶୁର ଶ୍ରୀଧରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ଗୀତାଞ୍ଜଳିଙ୍କ ଯୌତୁକ ସାମଗ୍ରୀ ଜବତ କରି ତାଙ୍କ ବାପାଙ୍କୁ ହସ୍ତାନ୍ତର କରିଛି। ତାଙ୍କ ଝିଅକୁ ମାରପିଟ କରି ବିଷ ପିଆଇ ମାରିଦେଇଥିବା ମୃତ ଗୀତାଞ୍ଜଳିଙ୍କ ବାପା ବାଉରୀବନ୍ଧୁ ପଲାଇ ଆସିକା ଥାନାରେ ଅଭିଯୋଗ କରିଥିଲେ।

### ଏକାଦଶ କୃଷି ଗଣନା ସମନ୍ୱୟ କମିଟି ବୈଠକ

ପାରଳାଖେମୁଣ୍ଡି, ୩।୫ (ଡି.ଏନ୍.ଏ): ଜିଲାପ୍ରଶାସନ ତରଫରୁ ଏକାଦଶ କୃଷି ଗଣନା ପାଇଁ ଗଜପତି ଜିଲାର ୨ୟ ପର୍ଯ୍ୟାୟ ସମନ୍ୱୟ କମିଟି ବୈଠକ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ଜିଲା କୃଷି ଗଣନା ଅଧିକାରୀ ବୀରେନ୍ଦ୍ର କୁମାର ଦାସଙ୍କ ଅଧକ୍ଷତାରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ଏକାଦଶ କୃଷି ଗଣନାର ଆଭିମୁଖ୍ୟ ସହିତ ଏଥିରେ ସାମିଲ ହେବାକୁ ଥିବା ନୂତନ ନିୟମାବଳୀକୁ ପାଳନ କରି ସର୍ଭେ କାମ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ କୁଳମଣୀ ରାଉତ କୃଷି ଗଣନାର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସର୍ଭେର ପ୍ରଥମ ପର୍ଯ୍ୟାୟ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଛି ଏବଂ ଏଥିରେ ନିଯୁକ୍ତ ତିନୋଟି ବିଭାଗର ଯଥା କୃଷି ବିଭାଗ, ରାଜସ୍ୱ ବିଭାଗ ଓ ପରିସଂଖ୍ୟାନ ବିଭାଗର କ୍ଷେତ୍ର କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଗଣନା କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ରାଜସ୍ୱ ଓ କୃଷି ବିଭାଗର କ୍ଷେତ୍ର କର୍ମଚାରୀମାନଙ୍କୁ ବାକି ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଦେବୀମଠ ମହନ୍ତଙ୍କ ପରଲୋକ

ପାରଳାଖେମୁଣ୍ଡି, ୩।୫ (ଡି.ଏନ୍.ଏ): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଦେଓସାହିଠାରେ ଥିବା ଦେବୀମଠର ମହନ୍ତ ସୀତାରାମ ଦାସଜୀ ବୁଧବାର ସକାଳେ ୮୩ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ଘଟିଛି। ସେ ହିନ୍ଦୁ ସଂଗଠନ ଗୁଡିକ ପାଇଁ ବେଶ କାମ କରିଯାଇଛନ୍ତି। ଗଜପତି ଜିଲାରେ ବିଶ୍ୱହିନ୍ଦୁ ପରିଷଦ ପ୍ରତିଷ୍ଠାତା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଥମ ପ୍ରଚାରକ। ତାଙ୍କର ଦେହାନ୍ତ ଖବର ଶୁଣି ସହରର ସମସ୍ତ ମଠ ମନ୍ଦିରର ମହନ୍ତ ତଥା ସାଧୁସନ୍ଥମାନେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ମହନ୍ତଙ୍କ ମରଶରୀରକୁ ଏକ ବିରାଟ ପଟୁଆରରେ ନଗର ପରିକ୍ରମା କରାଯାଇ ମହେନ୍ଦ୍ରତନୟା ନଦୀ ତୁଠରେ ଅନ୍ତେଷ୍ଟିକ୍ରିୟା ସମାପନ ହୋଇଥିଲା।

# ନୂଆପଡ଼ା ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

**ଚିକିଟି,୩।୫(ଡି.ଏନ.ଏ.):**

ଚିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡା ଗ୍ରାମରେ ଦୀର୍ଘ ୧୦ ବର୍ଷ ପରେ ହେବାକୁ ଥିବା ପ୍ରସିଦ୍ଧ ଠାକୁରାଣୀ ଯାତ୍ରା ପାଇଁ ବୁଧବାର ଦେଶୀ ବେହେରା ସାହିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ମା' ବୁଢୀ ଠାକୁରାଣୀଙ୍କ ବାପାଘର ଦେଶୀ ବେହେରାଙ୍କ ବାସଭବନ ସାମ୍ନାରେ ଏହି ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ବିରାଟ ଶୋଭାଯାତ୍ରାରେ ଦେଶୀବେହେରା ଏନ୍ ବାସୁୱା ରାଜୁଙ୍କ ନେତୃତ୍ୱରେ ଡେରା ସଂପ୍ରଦାୟର ଲୋକମାନଙ୍କ ସହିତ ଗ୍ରାମବାସୀ ସାମିଲ ହୋଇଥିଲେ। ଠାକୁରାଣୀଙ୍କ ମନ୍ଦିରରେ ଖୁଣ୍ଟିକୁ



ପୂଜାର୍ଚ୍ଚନା କରାଯାଇଥିଲା ଏବଂ ଆଙ୍ଗାମାଳ ଖୁଣ୍ଟିରେ ବନ୍ଧାଯାଇଥିଲା। ବାପା ଘରକୁ ଆସିବା ପାଇଁ ମା' ଠାକୁରାଣୀଙ୍କୁ ନିମନ୍ତ୍ରଣ ହୋଇଥିଲା। ପୁଣି ମନ୍ଦିରକୁ ଶୁଭଖୁଣ୍ଟି ସହ ଶୋଭାଯାତ୍ରାରେ ଦେଶି ବେହେରା ସାହିରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରି ଅସ୍ଥାୟୀ ପୀଠ ଆଗରେ ସ୍ଥାପନ କରାଯାଇଥିଲା। ଏହି ଯାତ୍ରା ୨୮ ତାରିଖରୁ ଜୁନ୍ ୪ ପର୍ଯ୍ୟନ୍ତ ଚାଲିବ ବୋଲି ଯାତ୍ରା କମିଟିର ସଂପାଦକ ଟି ଗଜେନ୍ଦ୍ର କହିଛନ୍ତି।

# ବିଡେକା ପାନ୍ଥନିବାସ ଉଦ୍‌ଘାଟିତ

**ଭଞ୍ଜନଗର, ୩।୫(ଡି.ଏନ.ଏ):**

ଭଞ୍ଜନଗର ଜଳସମ୍ପଦ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ (ବିଡେକା) ର ପାନ୍ଥନିବାସ ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ବାଚସ୍ପତି ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବିଡେକା ରକ୍ତଦାନ ଶିବିର, ଗରିବ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ, ମାଗଣା ଆମ୍ବୁଲାନ୍ସ ସେବା ସମେତ ପ୍ରମୁଖ କାର୍ଯ୍ୟକ୍ରମ କରୁଛି। ଏଥିସହ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବେଲେଶ୍ୱର ପୀଠ ବିଡେକା ଦ୍ୱାରା ପରିଚାଳିତ ହେଉଛି। ଉକ୍ତ ପାନ୍ଥନିବାସରେ ୧୦୦ ଲୋକ ସମ୍ମିଳନୀ କଳା ଭଳି ଏକ ଶୀତତାପ ନିୟନ୍ତ୍ରିତ ଭବନ ନିର୍ମାଣ ହୋଇଛି। ଏଥିସହ ରାତି ରହଣୀ ପାଇଁ ଏକାଧିକ ଛୋଟ ବଡ ରୁମ ନିର୍ମାଣ



ବିଡେକା ପାନ୍ଥନିବାସ ଉଦ୍‌ଘାଟନ କରୁଛନ୍ତି ବାଚସ୍ପତି।

ହୋଇଛି। ସେଠାରେ ହୋଟେଲ ସୁବିଧା ମଧ୍ୟ ଅଛି। ଏଣିକି ବେଲେଶ୍ୱରପୀଠ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରି ପାନ୍ଥନିବାସର ସୁବିଧା ପାଇପାରିବେ ବୋଲି ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଉଦଘାଟନୀ ଉତ୍ସବରେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଗୋକୁଳ ଚନ୍ଦ୍ର ପାଢୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁମା ପ୍ରଧାନ, ସହକାରୀ ଯନ୍ତ୍ରୀ ସନ୍ତୋଷ ଗୌଡ, ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଗ୍ରାମ୍ୟ ପାଇପ ଜଳଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଏମପି ପ୍ରତିନିଧି ପଞ୍ଚାନନ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବାଚସ୍ପତି ଶ୍ରୀ ଆରୁଖ ଖ୍ରୀଷ୍ଟିୟାନ ସାହିରେ ଯୀଶୁଖ୍ରୀଷ୍ଟଙ୍କ ଏକ ପ୍ରତିମୂର୍ତ୍ତି ସହ ଏନଏସିର ଅନ୍ୟାନ୍ୟ ଉତ୍ସବରେ ଯୋଗଦେଇଥିଲେ।

# ଆଦର୍ଶ ବିଦ୍ୟାଳୟରେ ପିଟିଏ ବୈଠକ

**ହିଞ୍ଜିଳିକାଟୁ,୩।୫(ଡି.ଏନ୍.ଏ):**

ହିଞ୍ଜିଳିକାଟୁ ବ୍ଲକ ଶାସନଆମ୍ବଗାଁସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଭିଭାବକ, ଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପଟେଲଙ୍କ ପୌରହିତ୍ୟରେ ଏହି ବୈଠକରେ ଓଡ଼ିଶା ମୋ ପରିବାର ରାଜ୍ୟ ସମ୍ପାଦକ ତଥା ଆସିକା ଏମପିଙ୍କ ବ୍ୟକ୍ତିଗତ ସହାୟକ ନୀଳମଣି ପଟ୍ଟନାୟକ ବକ୍ତା ଭାବେ ଯୋଗଦେଇ ବାଣିଜ୍ୟ ଶିକ୍ଷା କ୍ଷେତ୍ରରେ କ୍ୟାରିୟର ଗଠନ ଓ ବାଣିଜ୍ୟ ପାଠ୍ୟକ୍ରମର ଲୋକପ୍ରିୟତା ଉପରେ ମତ ରଖିଥିଲେ। ଏଥିରେ ଦଶମ ଶ୍ରେଣୀ ପାଶ ପରେ ଛାତ୍ରୀଛାତ୍ରଙ୍କୁ ଅଭିଭାବକ ମହଲରେ କେଉଁ ବିଷୟରେ ପାଠ ପଢ଼ାଇବା ନିମନ୍ତେ ବଢୁଥିବା ଚିନ୍ତାର କୌଣସି କାରଣ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇ ବିଭିନ୍ନ ପ୍ରଶ୍ନ ଓ ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନ ନେଇ ଆଲୋଚନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା

**ଆସିକା, ୩।୫(ଡି.ଏନ୍.ଏ):**

ଆସିକା ଏନଏସିର ମାଳସାହିଠାରେ ବୁଧବାର ଅପରାହ୍ନରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଜଣାଯାଇଛି। ସେ ହେଲେ ସୀମାଞ୍ଚଳ ବେହେରା (୫୦)। ବେକରେ ଗାମୁଛା ବାନ୍ଧି ଘରର ଉପର ମହଲାରେ ଫେନରେ ଝୁଲି ପଡିଥିବା ଜଣାଯାଇଛି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅଧିକାରୀମାନେ।

**ଜି. ଉଦୟଗିରି, ୩।୫ (ଡି.ଏନ.ଏ):**

ଜି. ଉଦୟଗିରି ଗ୍ରାମ୍ୟ ଜଳ ଯୋଗାଣ ବିଭାଗରେ ଫିଟର ମିସ୍ତ୍ରୀ ଭାବେ କାମ କରୁଥିବା ଦଣ୍ଡପାଣି ପାଢୀ ରବିବାର ଅବସର ନେଇଛନ୍ତି। କାର୍ଯ୍ୟାଳୟ ତରଫରୁ ଏକ ବିଦାୟ ସମ୍ବର୍ଦ୍ଧନା ଉତ୍ସବ କରାଯାଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିର୍ବାହୀ ଯନ୍ତ୍ରୀ ଯୋଗେନ୍ଦ୍ର ନାୟକ, ସହକାରୀ ଯନ୍ତ୍ରୀ ଦିନବନ୍ଧୁ ପଟେଲ, କନିଷ୍ଠ ଯନ୍ତ୍ରୀ ନରେଶ ଚନ୍ଦ୍ର ପ୍ରଧାନଙ୍କ ସହିତ ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ବାରିକ, ଗୋଲକ ପଟନାୟକ, ରାଜକିଶୋର ନାୟକ, ଏବିଓ ବୈକୁଣ୍ଠନାଥ ସାହୁ, ଶିକ୍ଷକ ଜିତେନ୍ଦ୍ର ସାମଲ, ଉମା ସାମନ୍ତରାୟ, ଅବସରପ୍ରାପ୍ତ କର୍ମଚାରୀ ପ୍ରଫୁଲ ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ। ଶ୍ରୀ ପାଢ଼ୀଙ୍କୁ ଉତ୍ତରୀୟ ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ବର୍ଷା ଆଣିଲା ଚାଷୀଙ୍କ ମନରେ ଖୁସି

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୩।୫**

ଚଳିତ ସପ୍ତାହରେ ଅଦିନିଆ ବର୍ଷା ଚାଷୀଙ୍କ ମନରେ ଖୁସି ଆଣିଦେଇଛି। ଚାଷୀମାନେ ଧାନ ଚାଷ ପାଇଁ ବିଲରେ ହଳ କାର୍ଯ୍ୟ ଆରମ୍ଭ କରିବା ସହ ବିହନ ବୁଣିଛନ୍ତି। ସେହିପରି ପନିପରିବା ଚାଷ ପାଇଁ ହଳ କରି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଫିରିଙ୍ଗିଆ ବ୍ଲକର ଚାଷୀମାନେ ଏଥର ଭଲ ଚାଷ ହେବ ବୋଲି ଆଶା ବାନ୍ଧି କାର୍ଯ୍ୟକୁ ଆଗେଇ ନେଉଥିବା ଦେଖିବାକୁ ମିଳିଛି। ଫିରିଙ୍ଗିଆ ବ୍ଲକରେ ୯୦ ପ୍ରତିଶତ ଚାଷ ଜମିକୁ ଜଳସେଚନ ସୁବିଧା ନାହିଁ। ଚାଷ ପାଇଁ ବର୍ଷା ଉପରେ ଲୋକେ ନିର୍ଭର କରିଥାନ୍ତି। ବର୍ତ୍ତମାନ ଆଧୁନିକ ଯନ୍ତ୍ରପାତି ଟ୍ରାକ୍ଟର, ପାୱାର ଟିଲର୍ ଓ ରୋଟାଭେଟର ଦ୍ୱାରା ଚାଷ କାର୍ଯ୍ୟ ବହୁଳ ମାତ୍ରାରେ ହେଉଛି। କିନ୍ତୁ ଗରିବ ଓ ମଧ୍ୟମ ଶ୍ରେଣୀ ଚାଷୀ ଆଜିବି ପାରମ୍ପରିକ ପଦ୍ଧତିରେ ଚାଷ କରି ଆସୁଛନ୍ତି। ଆଧୁନିକ କୃଷି ଯନ୍ତ୍ରପାତି ଏମାନଙ୍କ ପାଇଁ ସାତ ସପନ। ତେଣୁ ବଳଦ, ମଇଁଷିରେ ଲଙ୍ଗଳ ଯୋଡ଼ି ହଳ କରୁଛନ୍ତି। ଗତ ୩/୪ ଦିନ ହେବ ବ୍ଲକର ଅଧିକାଂଶ ଚାଷ ଜମିରେ କୃଷକ ଭାଇମାନେ ଚାଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷର ପହିଲି ବର୍ଷା ଏବଂ ଉତ୍ତମ ପାଗ ଯୋଗୁ ଚାଷୀ ଭାଇମାନେ ଆନନ୍ଦରେ ଜମିକୁ ହଳ କରୁଥିବା ଦେଖିବାକୁ ମିଳିଛି। ଧାନ ବୁଣାବୁଣି କାମ ସହ ପନିପରିବା ଯଥା ଟମାଟୋ, ବାଇଗଣ, ଲଙ୍କା, ବିନ୍ସ, ହଳଦୀ, କୋବି, କଲରା ଆଦି ଚାଷ ପାଇଁ ପ୍ରସ୍ତୁତି ଶେଷ ହୋଇଛି ବୋଲି ଚାଷୀ ରମେଶ କହଁର, ଅନନ୍ତ ମଲ୍ଲିକ, ସନ୍ତୋଷ ଦିଗାଲ, ସୁବାସ ମଲ୍ଲିକ, ଅବକ୍ଷିତ ଦିଗାଲ ପ୍ରମୁଖ ପ୍ରକାଶ କରିଛନ୍ତି।

# ବିଜୁ ଶ୍ରମିକ ସାମୁଖ୍ୟ ପକ୍ଷରୁ ଶ୍ରମିକ ଦିବସ



ବୈଠକରେ ଉପସ୍ଥିତ ଶ୍ରମିକ ନେତାମାନେ।

**ଛତ୍ରପୁର,୩।୫(ଡି.ଏନ୍.ଏ):**

ଗଞ୍ଜାମ ଜିଲା ବିଜୁ ଶ୍ରମିକ ସାମୁଖ୍ୟ ପକ୍ଷରୁ ଗୋପାଳପୁର ବନ୍ଦର ନିକଟ ଆର୍ଯ୍ୟପଲି କମ୍ୟୁନିଟ ହଲ ଠାରେ ବିଶ୍ୱ ଶ୍ରମିକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ଜିଲା ବିଜୁଶ୍ରମିକ ସାମୁଖ୍ୟର ଜିଲା ଉପସଭାପତି ଶଙ୍କର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ କୃଷି ମାର୍କେଟିଂ ବୋର୍ଡର ରାମଚନ୍ଦ୍ର ପଣ୍ଡା ଯୋଗଦେଇ ଶ୍ରମିକମାନଙ୍କ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଉପରେ ଆଲୋଚନା କରିବା ସହ ସରକାର ତା'ର ସୁବିଧା, ସୁଯୋଗ ଯୋଗାଇଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜି. ସନ୍ତୋଷ ରେଡ୍ଡୀ, ଦୁର୍ଯ୍ୟୋଧନ ବେହେରା, ତ୍ରିଲୋଚନ ବେହେରା, ଏସ. ସଂଜୀବ ରେଡ୍ଡୀ, ଦିଲେଶର ରେଡ୍ଡି, ତ୍ରିନାଥ ରେଡ୍ଡୀ, କେ. କେଦାର, ଆର. ଗୋବିନ୍ଦା, ବି. ଭୀମସେନ ବେହେରା ପ୍ରମୁଖ ଶ୍ରମିକମାନଙ୍କର ସ୍ୱାର୍ଥ ଓ କଲ୍ୟାଣକୁ ନେଇ ସଂଗଠିତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଗୋପାଳପୁର ପୋର୍ଟ କର୍ମଚାରୀ ସଙ୍ଘ, ଗୋପାଳପୁର ପୋର୍ଟ ଲୋଡିଂ, ଅନଲୋଡିଂ ସୁପରଭାଇଜର ୟୁନିଅନ, ଭାରତୀୟ ବିରଳ ମୃତ୍ତିକା ଠିକା କର୍ମଚାରୀ ସଂଘର ଶ୍ରମିକ ୟୁନିଅନ, ଜୟଶ୍ରୀ କେମିକାଲ ୱାର୍କର୍ସ ୟୁନିଅନ, ଗ୍ଲଷ୍ଟ ଏମ୍ପଲୋୟୀ ମାନଙ୍କ ର କର୍ମକର୍ତ୍ତା, ସଭ୍ୟ, ଶ୍ରମିକ ମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ହିତାଧିକାରୀ

**ଫୁଲବାଣୀ ଅଫିସ, ୩।୫**

କନ୍ଧମାଳ ଜିଲା ଫୁଲବାଣୀ ସହରରେ କିଓସ୍କ ବ୍ୟାଙ୍କିଂ ସଂସ୍ଥା ଠକେଇ ଘଟଣାରେ ହିତାଧିକାରୀ କିପରି ଟଙ୍କା ପାଇବେ ତାହାକୁ ନେଇ ସେମାନଙ୍କ ମଧ୍ୟରେ ଭାଳେଣି ପଡିଛି। ଗରିବ ଶ୍ରେଣୀର ଏହି ହିତାଧିକାରୀମାନେ ଟଙ୍କା ନ ପାଇ ବହୁ ହଇରାଣ ହେଉଛନ୍ତି। କିଏ ଦେହ ଖରାପ ପାଇଁ ତ ଅନ୍ୟକିଏ ଝିଅ ବାହାଘର ଲାଗି ଟଙ୍କା ନ ପାଇ ହାତାଶ ହୋଇପଡିଛନ୍ତି। ବୁଧବାର କିଛି ହିତାଧିକାରୀ ସେମାନଙ୍କ ଟଙ୍କା କିପରି ଫେରିପାଇବେ ସେଥିନେଇ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେପଟେ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ସୁଦ୍ଧା ଟଙ୍କା ନେଇ ଫେରାର ଥିବା କିଓସ୍କ ସ୍ୱତାଧିକାରୀଙ୍କ ସ୍ତ୍ରୀଙ୍କୁ ଠାବ କରି ପାରିନାହିଁ। ଏସବୁ ଘଟଣାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାନନ ଗଣ୍ଡା, ସୁଜାତା ଦିଗାଲ, ସଂଜୁନା ନାୟକ, ପଦ୍ମିନୀ ନାୟକ, ଝୁନୁ ବେହେରା, ସୁନୀତା ନାୟକ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଫୁଲବାଣୀ ସହର ଅମଲାପଡାରେ

## କିଓସ୍କ ବ୍ୟାଙ୍କ ଠକେଇ ଘଟଣା



ଦାବିପତ୍ର ଦେବାକୁ ଆସିଥିବା ହିତାଧିକାରୀ।

ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଜନସେବା କେନ୍ଦ୍ରରେ କିଓସ୍କ ବ୍ୟାଙ୍କିଙ୍ଗ ଚାଲିଥିଲା। ଏହାର ସ୍ୱତାଧିକାର ରମାକାନ୍ତ ଦିଗାଲଙ୍କ ନାମରେ ରହିଛି। ଏହି କିଓସ୍କ ବ୍ୟାଙ୍କରେ ପାଖା ପାଖି ୬ ମାସ ଧରି ବାୟୋମେଟ୍ରିକ ପଦ୍ଧତି ଜରିଆରେ ୨୦ ରୁ ଅଧିକ ଗ୍ରାହକଙ୍କ ୭ ଲକ୍ଷରୁ ଅଧିକ ଟଙ୍କା ଠକି ନିଆଯାଇଛି। ଘଟଣା ଜଣାପଡିବା ପରେ କିଓସ୍କ ବ୍ୟାଙ୍କକୁ ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷ ବନ୍ଦ କରି ଦେଇଛନ୍ତି। କିଛି ଦିନ ପୂର୍ବରୁ ନରେନ୍ଦ୍ର ବେହେରା ନାମକ ଜଣେ ଗ୍ରାହକ ଟଙ୍କା ଜମା କରିବା ପାଇଁ ଉକ୍ତ ବ୍ୟାଙ୍କକୁ ଯାଇ ବିଭିନ୍ନ ସମୟରେ ବାୟୋମେଟ୍ରିକ ବ୍ୟବସ୍ଥା ମାଧ୍ୟମରେ ୧୨ହଜାର ୫୦୦ ଟଙ୍କା ଜମା କରିଥିଲେ। ନରେନ୍ଦ୍ରଙ୍କ ଜମା ଖାତା ଅପଡେଟ ପାଇଁ କିଓସ୍କ ବ୍ୟାଙ୍କ କର୍ମଚାରୀ ରଖି ଦେଇଥିଲେ। ବହୁବାର ଖାତା ପାଇଁ ନରେନ୍ଦ୍ର ଦୌଡିବା ପରେ କିଓସ୍କ ବ୍ୟାଙ୍କ କର୍ମଚାରୀ ଖାତା ଅପଡେଟ ହୋଇ ପାରୁ ନାହିଁ କହି ଫେରାଇ ଦେଇଥିଲେ। ଖାତା ବ୍ୟାଙ୍କରେ ଅପଡେଟ କରିବା ବେଳେ ତାଙ୍କ ଆକାଉଣ୍ଟରୁ ୭୦ ହଜାର ଟଙ୍କା ହଡପ ହୋଇଥିବା ଜାଣିବା ପରେ ସେ ଟାଉନ ଥାନାରେ ଏତଲା ଦେଇଥିଲେ। ଏହାପରେ ଧିରେ ଧିରେ ଘଟଣା ପଦାକୁ ଆସିଥିଲା। ଅନ୍ୟ ହିତାଧିକାରୀମାନେ ମଧ୍ୟ ଏତଲା ଦେଇଛନ୍ତି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ନବ ନିର୍ମାଣ କୃଷକ ସଂଗଠନ ସଭା, ସ୍ଥାନ-ଗଞ୍ଜାମ କଳା ପରିଷଦ, ସମୟ-ପୂର୍ବାହ୍ନ ୧୧ଟା ୩୦।

## ସଂକ୍ଷେପରେ

### ଟ୍ରକ୍ ଚକା ତଳେ ଚାପି ହୋଇ ବୃଦ୍ଧ ମୃତ

**ବ୍ରହ୍ମପୁର ଅଫିସ,୩।୫:** ବ୍ରହ୍ମପୁର ସହର ଦେଇ ଯାଇଥିବା ଆସ୍କାରୋଡ ପୋଲିସ କଲୋନୀ ଛକରେ ବୁଧବାର ଏକ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ଟ୍ରାଫିକ ଥାନା ପୋଲିସ ମୃତଦେହ ଜବତ କରିଛି। ପୋଲିସ ନଂ ୧୫୩/୨୩ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ବୃଦ୍ଧ ଜଣଙ୍କ ଟାଉନଥାନା ଅନ୍ତର୍ଗତ ଭାପୁର ବଜାର ପାନବିକା ସାହିର ୟାଇ. ମୋହନ ରାଓ (୬୨)। ମୃତକଙ୍କ ପୁଅ ୟାଇ. ସନ୍ତୋଷ କୁମାର ମେଡିକାଲରେ ପହଞ୍ଚି ବାପାଙ୍କ ମୃତଦେହ ଚିହ୍ନଟ କରିଥିଲେ ବୋଲି ପୋଲିସ କହିଛି।

### ୩ ଗାଡ଼ି ଚୋରି, ଥାନାରେ ମାମଲା

**ବ୍ରହ୍ମପୁର ଅଫିସ,୩।୫:** ଦୁଇଟି ଥାନା ଅଞ୍ଚଳରେ ଦିନକରେ ୩ଟି ଗାଡ଼ି ଚୋରି ହୋଇଛି। ବଡବଜାର ଥା ନା ଅନ୍ତର୍ଗତ ପାଣିଗ୍ରାହୀପେଣ୍ଠ ନିକଟ ଚୈତନ୍ୟ ନଗର ଓ ଟାଉନ ଥାନା ଅନ୍ତର୍ଗତ ଗେଟବଜାର ଅଞ୍ଚଳରୁ ବାଇକ ଲୁଟିଆମାନେ ଘର ସମ୍ମୁଖରେ ପାର୍କିଂ ରହିଥିବା ଦୁଇଟି ଗାଡ଼ି ଚୋରି କରିଥିବା ବେଳେ ଅନ୍ୟ ଗୋଟିଏ ବଡ଼ବଜାର ଥାନା ଅନ୍ତର୍ଗତ ଏକ ମନ୍ଦିର ନିକଟରେ ଥିବା ବାଇକ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ପୃଥକ ଭାବେ ତିନୋଟି ମାମଲା ରୁଜୁ କରିଥିବା ବେଳେ ପେସାଦାର ବାଇକ ଲୁଟେରାଙ୍କ ଉପରେ ଏବେ ନଜର ରଖିଥିବା କହିଛି।

### ଆମ୍ବ ଗଛରୁ ଝୁଲନ୍ତା ମୃତଦେହ ଜବତ

**ଜି.ଉଦୟଗିରି,୩।୫:** ଜି.ଉଦୟଗିରି ଥାନା ଝିମାଙ୍ଗିଆ ଗ୍ରାମର ନବକିଶୋର ପ୍ରଧାନ ନାମକ ଜଣେ ୫୫ ବର୍ଷ ବୟସ୍କ ବ୍ୟକ୍ତିଙ୍କ ମୃତଦେହ ଗ୍ରାମ ନିକଟବର୍ତ୍ତୀ ବାସୁଙ୍ଗିଆ ଜଙ୍ଗଲର ଆମ୍ବଗଛରେ ଝୁଲୁଥିବା ଅବସ୍ଥାରେ ଜବତ କରାଯାଇଛି। ବୁଧବାର ସକାଳ ୧୧ଟା ସମୟରେ ତାଙ୍କ ମର ଶରୀର ଗଛରେ ଝୁଲୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗଛରୁ ମୃତଦେହ ଜବତ କରିଥିଲା। ମୃତକଙ୍କ ବଡ଼ ପୁଅ ବିକି ପ୍ରଧାନଙ୍କ ଏତଲା ଅନୁଯାୟୀ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ବୋଲି ଜି.ଉଦୟଗିରି ଆଇଆଇସି ଅଜୟ କୁମାର ସ୍ୱାଇଁ କହିଛନ୍ତି।

# ନାଟକ 'ନଷ୍ଟ ରାଗିଣୀ' ଦର୍ଶକଙ୍କ ମନମୋହିଲା


ମଞ୍ଚସ୍ଥ ନାଟକରେ ଅଭିନୟ କରୁଥିବା କଳାକାର।

**ବ୍ରହ୍ମପୁର ଅଫିସ,୩।୫**

ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପରେ ବ୍ରହ୍ମପୁରର ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟ ସଂସ୍ଥା ତରଫରୁ ରବି ନାରାୟଣ ବେହେରାଙ୍କ ନିର୍ଦ୍ଦେଶିତ ଓ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ରଚିତ ନାଟକ 'ନଷ୍ଟ ରାଗିଣୀ' ମଞ୍ଚସ୍ଥ ହୋଇଛି। ପ୍ରେମ ଚିରନ୍ତନ, ପ୍ରେମ ଶାଶ୍ୱତ ସମ୍ପର୍କରେ ନାଟକଟି ପରିବେଷଣ ହୋଇଥିଲା। ଏକ ଆଶ୍ରମରେ ୨ ଅନ୍ତେବାସୀ ଯୁବ ବୟସରେ କିଭଳି ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ପ୍ରେମ କରନ୍ତି। ଶେଷରେ ରାଗିଣୀ ନିଜ ପ୍ରେମକୁ ପାଏନା ନଷ୍ଟ ରାଗିଣୀ ହୋଇ ରୁହେ, ଏଭଳି ଏକ ସୁନ୍ଦର କଥା ବସ୍ତୁକୁ ନେଇ ନାଟକଟି ମଞ୍ଚସ୍ଥ ହୋଇଥିଲା। ବଳିଷ୍ଠ ଓ ସମୟୋଚିତ ନିର୍ଦ୍ଦେଶନା ଏବଂ କଳାକାରଙ୍କ ନିଖୁଣ ଅଭିନୟ ଦ୍ୱାରା ମଞ୍ଚସ୍ଥ ଏହି ନାଟକ ଶେଷ ଯାଏ ଦର୍ଶକଙ୍କୁ ବାନ୍ଧି ରଖିବା ସହ ମନ ମୋହିଥିଲା। ଏଭଳି ଉଚ୍ଚକୋଟୀର ନାଟକ ହିଁ ଦର୍ଶକଙ୍କୁ ବାନ୍ଧି ରଖି ଚିରକାଳ ନାଟକ ବଞ୍ଚି ରହିବ ବୋଲି ଦର୍ଶକ ଓ ସମାଲୋଚକ ମତ ରଖିଥିଲେ। ନାଟକରେ କାହ୍ନୁ ମହାପାତ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଆଲୋକ ଓ ମାର୍ଗଦର୍ଶକ ଭାବେ ଶାଶ୍ୱତୀ ସଂସ୍ଥାର ସଭାପତି ରାମଚନ୍ଦ୍ର ସାସମଲ ଦାୟିତ୍ୱ ନିର୍ବାହ କରିଥିଲେ। ସୁନୀଲ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମପୁର ଜଗନ୍ନାଥ ଚିତ୍ରାଳୟ ବେଶ ସଜ୍ଜା କରିଥିଲେ। ନାଟକରେ ପ୍ରଦୀପ ପଣ୍ଡା, ଗିରିଜା ଶଙ୍କର ଦାଶ, ରାଜେଶ ନାୟକ, ସାଗର ପଣ୍ଡା, ସରୋଜ ପଣ୍ଡା, ମନୋଜ ରଥ, ବଳରାମ ମାଳି, ଚନ୍ଦନ ପାତ୍ର, ସୌମ୍ୟ ରଞ୍ଜନ, ଦଣ୍ଡ ନାୟକ, ଜଗଦୀଶ, ସସ୍ମିତା ରାଣୀ ରାଉତ, ପ୍ରିୟାଶା ନାୟକ ଓ କିଛି ନୃତ୍ୟ ଶିଳ୍ପୀ ଅଭିନୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ.ଅକ୍ଷୟ ମହାନ୍ତି, କୈଳାସ ପାଣିଗ୍ରାହୀ ଓ ଇଂ.ମନୋଜ ଦଣ୍ଡପାଟ ନାଟକରେ ସହଯୋଗ କରିଥିଲେ।

# ଭଞ୍ଜନଗର ଠାକୁରାଣୀ ଯାତ୍ରା ଆରମ୍ଭ

### ଶଗଡ଼ରେ ଆସିଲେ ବାଗ୍‌ଦେବୀ, ବର୍ଷା ପାଇଁ ଫିକା ପଡ଼ିଲା ଶୋଭାଯାତ୍ରା

**ଭଞ୍ଜନଗର, ୩।୫(ଡି.ଏନ୍.ଏ.)**

ଭଞ୍ଜନଗର ଠାକୁରାଣୀ ଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳେ କୁଲାଡ଼ ବାଗଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ଦେବୀଙ୍କୁ ଏକ ସୁସଜ୍ଜିତ ଶଗଡରେ ୮ କିମି ଦୂର ଭଞ୍ଜନଗର ଅଣାଯାଇଥିଲା। ଏହି ସମୟରେ ଅପରାହ୍ନ ୫ ଟାରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ କିଛି ସମୟ ପାଇଁ ଦେବୀ ବାଟରେ ଅଟକିଥିଲେ। ବର୍ଷା ଛାଡିବା ପରେ ପୁଣି ଦେବୀ ଶୋଭାଯାତ୍ରାରେ ବାହାରିଥିଲେ। ସଂଧ୍ୟା ୬ଟାରେ ଦେବୀ ଭଞ୍ଜନଗର ବାଗଦେବୀ ମନ୍ଦିରରେ ପହଞ୍ଚି ବିଶ୍ରାମ ନେଇଥିଲେ। ଏହାପରେ ପୁଣି ଝିପିଝିପି ବର୍ଷା ଯୋଗୁ ଦେବୀ ବିଳମ୍ବରେ ଶୋଭାଯାତ୍ରାରେ ବାହାରିଥିଲେ। ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଦେବୀଙ୍କୁ ହାତରେ ଧରି ଚାଲି ଚାଲି ଆସିଥିଲେ। ଏହି ସମୟରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସମେତ ଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବାଗ୍‌ଦେବୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

### ଦ୍ୱିତୀୟ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ସ୍ୱାମୀ ଗିରଫ

**ଗୋପାଳପୁର,୩।୫(ଡି.ଏନ.ଏ.)**

ଦ୍ୱିତୀୟ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗୋଳନ୍ଥରା ପୋଲିସ ବୁଧବାର ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମନ୍ତ୍ରୀଡ଼ି ଗ୍ରାମର ଶିବ ଦାସ। ସୂଚନା ଅନୁସାରେ, ଏହି ଥାନା ଅଧୀନ ମନ୍ତ୍ରୀଡ଼ି ଗ୍ରାମର ଶିବଙ୍କ ସହିତ କମଳା ଦାସଙ୍କର ଦ୍ୱିତୀୟ ବିବାହ ହୋଇଥିଲା। ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ଲାଗି ରହୁଥିଲା। ଇତିମଧ୍ୟରେ ଶିବ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖୁଥିଲେ। ଗତ ୧ ତାରିଖ ଦିନ ପୁଣି ଶିବ ଓ କମଳାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ କମଳା ସ୍ୱାମୀ ଶିବଙ୍କୁ ଅନ୍ୟ ମହିଳାଙ୍କ ସହ ସମ୍ପର୍କକୁ ନେଇ ପ୍ରଶ୍ନ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶିବ କମଳାଙ୍କୁ ଘର ଛାଡ଼ିବାକୁ କହିଥିଲେ। ଏଥିରେ ପ୍ରତିବାଦ କରିବାରୁ ଶିବ ଉତ୍ତ୍ୟକ୍ତ ହୋଇ କମଳାଙ୍କୁ ଏକ ଲୁହା ରଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ କମଳା ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କମଳାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ.୨୨୫/୨୩ ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିଲା। ବୁଧବାର ସକାଳେ ଶିବ ମନ୍ତ୍ରୀଡ଼ି ଗ୍ରାମରେ ଥିବା ବେଳେ ପୋଲିସ ଖବର ପାଇ ସେଠାରେ ଚଢ଼ାଉ କରି କାବୁ କରିବା ସହ ଅପରାହ୍ନରେ ଗିରଫ କରି କୋର୍ଟ ଚାଲଣ କରାଯାଇଥିବା ନେଇ ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ଏଆଇୱାଇଏଫ୍ ପ୍ରତିଷ୍ଠା ଦିବସ

**ବ୍ରହ୍ମପୁର ଅଫିସ,୩।୫**

ଅଖିଳ ଭାରତ ଯୁବ ସଂଘ(ଏଆଇୱାଇଏଫ)ର ଗଞ୍ଜାମ ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ ବ୍ରହ୍ମପୁରରେ ବୁଧବାର ପାଳିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ମାରଣ ନୀତି ଯୋଗୁ ବେକାରୀ ସଂଖ୍ୟା ବଢ଼ି ଚାଲିଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ଯୁବ ଓ ଛାତ୍ର ଆନ୍ଦୋଳନକୁ ତୀବ୍ର କରାଯିବାର ପ୍ରତିଷ୍ଠା ଦିବସରେ ଶପଥ ନିଆଯାଇଛି। ପାର୍କ ସାହିସ୍ଥ ସଂଘ କାର୍ଯ୍ୟାଳୟରେ ହୋଇଥିବା କାର୍ଯ୍ୟକ୍ରମରେ ସିପିଆଇ ଜିଲା ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର ଯୋଗ ଦେଇଥିଲେ। ୧୯୫୯ ମେ ୩ରେ ଜନ୍ମଲାଭ କରିଥିବା ଯୁବ ସଂଘ ଇତିହାସ ନେଇ ସମବେତ କର୍ମୀଙ୍କୁ ସେ ସ୍ମରଣ କରାଇଥିଲେ।

ଏଆଇୱାଇଏଫ ଜିଲା ସମ୍ପାଦକ କାମଦେବ ନାହାକ ପ୍ରାରମ୍ଭିକ ଭାଷଣରେ ଭାଜପା ନେତୃତ୍ୱାଧିନ କେନ୍ଦ୍ର ମୋଦି ସରକାରଙ୍କ ସାମ୍ପ୍ରଦାୟିକ ରାଜନୀତିର କଡ଼ା ସମାଲୋଚନା କରିଥିଲେ। ଗତ ୯ ବର୍ଷର ଶାସନରେ ବେରୋଜଗାରୀ ହୋଇଯାଇଥିବା ଯୁବ ଓ ଛାତ୍ରମାନେ ଅଣନିଃଶ୍ୱାସୀ ହେବା ସହ ପଥଭ୍ରଷ୍ଟ ଆଡ଼କୁ ମୁହାଁଇଥିବା ଦର୍ଶାଇଥିଲେ। ସାମ୍ପ୍ରତିକ ସ୍ଥିତିରେ ଭାଜପା ସରକାରକୁ ହଟାଇବା ଲାଗି ଯୁବ ଗୋଷ୍ଠୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଆହ୍ୱାନ ଦିଆଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଭି. ଲାଛମେୟା ରେଡ୍ଡି, ଲୋକେଶ ନାୟକ, ମହେନ୍ଦ୍ର ପାତ୍ର ଓ କୃଷ୍ଣଚନ୍ଦ୍ର ମହାରଣା ପ୍ରମୁଖ ଉଦବୋଧନ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ଓମ୍ ରଞ୍ଜନ


@ ନାରାୟଣ


@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାମ୍ବାଦିକତା, ଗଣଯୋଗାଯୋଗ ବିଭାଗର ପ୍ରେସ୍ ଫ୍ରିଡମ ଦିବସ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୩।୫**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଗଣଯୋଗାଯୋଗ ବିଭାଗ ପକ୍ଷରୁ ବିଶ୍ୱ ପ୍ରେସ୍ ଫ୍ରିଡମ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବହ୍ମପୁର ଆକାଶବାଣୀର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ଼.ହୃଷୀକେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫୁଲ୍ଲ ଦାସ ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଡ.ଗଣେଶ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଅତିଥିମାନେ ପୂର୍ବରୁ ସାମ୍ବାଦିକତା କ୍ଷେତ୍ରରେ ଥିବା ସ୍ୱାଧୀନତା ସମ୍ପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନ ସମୟରେ କିଭଳି ଭାବେ ସାମ୍ବାଦିକତା ଓ ସାମ୍ବାଦିକଙ୍କ ସ୍ୱାଧୀନତାର କଣ୍ଠରୋଧ କରାଯାଉଛି ସେ ସମ୍ପର୍କରେ କହିଥିଲେ। ପ୍ରଫେସର ଡ.ଜୟନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡ.ବନ୍ଦିତା ପଣ୍ଡା, ଡ.ଅଗ୍ନି କୁମାର ବେହେରା, ଡ.ଚିନୁ ବହିଦାର ଓ ଡ.ସୌରଭ ସେଠ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକତାର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ଦୀପକ କୁମାର ପଣ୍ଡା ଉଭୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

## ବିଭିନ୍ନ ସ୍ଥାନରେ ଠାକୁରାଣୀ ଯାତ୍ରା




ବୁଗୁଡ଼ା ମା' ପଞ୍ଚ ଠାକୁରାଣୀ ଯାତ୍ରା ଅବସରରେ ବିଭିନ୍ନ ବେଶଧାରୀ।


ରମ୍ଭାରେ ଶୋଳ ଶଗଡ଼ ଶୋଭାଯାତ୍ରାରେ ଶ୍ରଦ୍ଧାଳୁ।


ବାଲିଗୁଡ଼ାରେ ମା' ପାଟଖଣ୍ଡା ଠାକୁରାଣୀ ପୂଜା ପାଉଛନ୍ତି।


ପାତ୍ରପୁରର ଶାଶୁଘରକୁ ଗଲେ ମା' କୁଠାରୀଶ୍ୱରୀ।


ପୁରୁଷୋତ୍ତମପୁରରେ ମା' ପଞ୍ଚ ଠାକୁରାଣୀଙ୍କୁ ଆବାହନ କରାଯାଉଛି।

